# ଶବ୍ଦାବଳୀ

## ଅ

**ଅପମାନ:** କଳୁଷିତ।

**ଅବ୍ରାମ:** ଅର୍ଥ “ମହାପିତା”

**ଅବ୍ରହାମ:** ଅର୍ଥ “ବହୁଲୋକର ପିତା”

**ଅଭିଯୋଗ** ସଦୋମ ଓ ଗୋମରର ଲୋକମାନଙ୍କର ଆର୍ତ୍ତନାଦ ମୁଁ ଶୁଣିଲି।

**ଅଶୂରୀୟ** ଓରଫ ଅଶାରୀୟ।

**ଅରାମୀୟ** ପ୍ରାଚୀନ ସିରିଆର ଜଣେ ବ୍ୟକ୍ତି। ଏଠାରେ ସେ ଜଣକ ଅବ୍ରହାମ, ଇସ୍‌ହାକ କିମ୍ବା ସମ୍ଭବତଃ ଯାକୁବ (ଇସ୍ରାୟେଲ) ହୋଇପାରନ୍ତି।

**ଅୟ** ଏହି ନାମର ଅର୍ଥ “ଧ୍ୱଂସ” ଅଟେ।

**ଅନାକୀୟ** ଅନାକର ବଂଶଧର। ସେମାନେ ଲମ୍ବା ଓ ଶକ୍ତିଶାଳୀ ଯୋଦ୍ଧା ବଂଶ ଭାବରେ ପ୍ରସିଦ୍ଧ।

**ଅଷ୍ଟାରୋତ୍** କିଣାନୀୟ ଲୋକମାନେ ବିଶ୍ୱାସ କରୁଥିଲେ ଏହି ମିଥ୍ୟା ଦେବୀ ଲୋକମାନଙ୍କୁ ସନ୍ତାନ ଦେବାର ଶକ୍ତି ଥିଲା। ସେ ସେମାନଙ୍କର ପ୍ରେମ ଓ ଯୁଦ୍ଧର ଦେବୀ ଥିଲେ।

**ଅରାମ-ନହରୟିମ** ଉତ୍ତର ସିରିଆର ଟାଇଗ୍ରିସ ଓ ଫରାତ୍ ନଦୀ ଥିବା ଏକ ଅଞ୍ଚଳ।

**ଅମାବାସ୍ୟାର ଭୋଜି** ଯିହୁଦୀମାନଙ୍କର ପ୍ରଥମ ମାସ। ବିଶ୍ରାମ ଓ ଉପାସନା ନିମନ୍ତେ ବିଶେଷ ଦିନ। ଲୋକମାନେ ମଙ୍ଗଳାର୍ଥକ ନୈବେଦ୍ୟ ସକାଶେ ଏକତ୍ରିତ ହୁଅନ୍ତି, ଯେପରି ଲେବୀ 7:16-21ରେ ବର୍ଣ୍ଣନା କରାଯାଇଅଛି।

**ଅସ୍କିଲୋନ** ପାଞ୍ଚଟି ପଲେଷ୍ଟୀୟ ନଗରୀ ମଧ୍ୟରୁ ଗୋଟିଏ।

**ଅମ୍ମୋନୀୟ** କେତେକ ପ୍ରାଚୀନ ଗ୍ରୀକ୍‌ରେ ଅନୁବାଦ ହୋଇଛି “ଅମ୍ମୋନୀୟ” ହେବୁରେ “ଅମ୍ମୋନ” ଅଛି।

**ଅରାମୀୟ** ଏହା ବାବିଲ ସାମ୍ରାଜ୍ୟର ଏକ ରାଷ୍ଟ୍ର ଭାଷା।

**ଅମ୍ମୀ** ଏହି ନାମ ହେବ୍ରୁ ଅର୍ଥରେ “ଆମ୍ଭର ଲୋକ।”

**ଅବସ୍ତ** ଏହା ଏକ ସ୍ଥାନର ନାମ, ଏହାର ଅର୍ଥ କିଛି ନୁହେଁ।

**ଅମ୍ରି** ଇସ୍ରାୟେଲର ରାଜା ଭଣ୍ଡ ଦେବତାମାନଙ୍କୁ ପୂଜା କରିବା ପାଇଁ ଆପଣା ରାଷ୍ଟ୍ରକୁ ନେତୃତ୍ୱ କଲେ।

**ଅଭିଷେକାର୍ଥକ ତୈଳ** କୌଣସି ଦ୍ରବ୍ୟ ବା ବ୍ୟକ୍ତି ଉପରେ ଢଳା ଯାଇଥିବା ଶୁଦ୍ଧ ଜୀତ ତୈଳ ଯାହା ଦର୍ଶାଏ, ସେମାନେ ବିଶେଷ କାର୍ଯ୍ୟ ବା ଉଦ୍ଦେଶ୍ୟ ପାଇଁ ମନୋନୀତ ହୋଇଛନ୍ତି।

**ଅଜାଜେଲ** ଅର୍ଥାତ୍ “ବଳି ନିମନ୍ତେ ଉଦ୍ଦିଷ୍ଟ ଛାଗ।” ଏହି ଶବ୍ଦର ଅର୍ଥ ବା ନାମ ଜଣା ନାହିଁ। ଏହାର ମୁଖ୍ୟ ଉଦ୍ଦେଶ୍ୟ ଲୋକମାନଙ୍କ ପାପ ବହନ କରିବା ପାଇଁ ନେଉଥିବା ଛାଗ।

**ଅନାକର** ଏହି ଲୋକମାନେ ଦୀର୍ଘକାୟ ଓ ଶକ୍ତିଶାଳୀ ଯୋଦ୍ଧା ଭାବରେ ପ୍ରସିଦ୍ଧ।

**ଅମାବାସ୍ୟା** ଯିହୁଦୀୟ ମାସର ପ୍ରଥମ ଦିନ। ଏହା ଉପାସନା କରିବାର ଏକ ବିଶେଷ ଦିନ।

## ଆ

**ଆଶେର** ଏହାର ଅର୍ଥ “ଆନନ୍ଦ।”

**ଆବେଲ-ମିସର** ଏହାର ଅର୍ଥ “ମିସ୍ରୀୟମାନଙ୍କ ଶୋକ ସମୟ।”

**ଆଦମ** ସେ ତାହାର ପିତା ହେଲେ, ଯାହାକି ତାଙ୍କର ପ୍ରତିରୂପ ସହିତ ମିଶୁଥିଲା।

**ଆରାରଟ** ପୂର୍ବ ତୁର୍କୀର ଏକ ପ୍ରଦେଶ।

**ଆଶେରା** ଏହି ନାମର ଅର୍ଥ ପ୍ରସନ୍ନ ଯାହା ଈଶ୍ୱରଙ୍କର କୃପାର ପାତ୍ର ଅଟେ।

**ଆବୀବ ମାସ** ଅର୍ଥାତ୍ “ବସନ୍ତ ମାସ” ତାହା ନିଶାନ୍ ଅଟେ। ଏହା ମାର୍ଚ୍ଚ- ଏପ୍ରିଲ ମାସ।

**ଆବୀବ୍** ଏହି ଶବ୍ଦର ଅର୍ଥ “ଯୁବା ଶସ୍ୟଦାନା”। ଏହା ଯିହୁଦୀ ପଞ୍ଜିକାର ପ୍ରଥମ ମାସ ଏହାକୁ ନିଶାନ୍ ମଧ୍ୟ କୁହାଯାଏ। ଏହା ଇଂରାଜୀ ମାସ ମାର୍ଚ୍ଚ-ଏପ୍ରିଲ ଅଟେ।

**ଆଶେରା** ଏହି ନାମର ଅର୍ଥ “ଆଶୀର୍ବାଦ ପ୍ରାପ୍ତ” ବା “ସୁଖି”।

**ଆଖୋର** ଏହି ନାମର ଅର୍ଥ “ସମସ୍ୟା”

**ଆମେନ୍** ହେବ୍ରୁ ବାକ୍ୟର ଅର୍ଥ “ପ୍ରକୃତରେ”, “ତାହା ହିଁ ହେଉ” ଏହା ଦେଖାଯାଏ ଯେ ଜଣେ ବ୍ୟକ୍ତି ଯାହା କହିଥାଏ, ତାହା ସହ ରାଜି ହୋଇଥାଏ।

**ଆହସ୍** ଯିହୂଦାର ଜଣେ ରାଜା। ସେ 735-727 B. C ପର୍ଯ୍ୟନ୍ତ ଶାସନ କଲେ।

**ଆଶେରା ସ୍ତମ୍ଭ** ଆଶେରା ଦେବୀଙ୍କୁ ସମ୍ମାନ ଦେବାପାଇଁ ବ୍ୟବହୃତ ହେଉଥିଲା। ଲୋକମାନେ ଭାବୁଥିଲେ ବହୁ ସନ୍ତାନ ପାଇବାରେ ଆଶେରା ଦେବୀ ସାହାଯ୍ୟ କରନ୍ତି।

## ଇ

**ଇଶ୍ମାୟେଲ:** ଏହାର ଅର୍ଥ “ପରମେଶ୍ୱର ଶୁଣନ୍ତି।”

**ଇସ୍‌ହାକ** ଏହି ନାମର ଅର୍ଥ ହେଉଛି, ‘ସେ ହସନ୍ତି’ କିମ୍ବା “ସେ ଖୁସି ଅଟେ।”

**ଇଷାଖର** ଏହାର ଅର୍ଥ ହେଉଛି “ବର୍ତ୍ତନ।”

**ଇଫ୍ରୟିମ** ଏହାର ଅର୍ଥ “ଦ୍ୱିଗୁଣ ଫଳବାନ।”

**ଇସ୍ରାୟେଲ** ଏହି ନାମର ଅର୍ଥ ହୋଇପାରେ, “ସେ ପରମେଶ୍ୱରଙ୍କ ପାଇଁ ଯୁଦ୍ଧ କରେ”, “ସେ ପରମେଶ୍ୱରଙ୍କ ସହିତ ଯୁଦ୍ଧ କରେ” କିମ୍ବା “ପରମେଶ୍ୱର ଯୁଦ୍ଧ କରନ୍ତି।”

**ଇଦୋମ** ଇଦୋମ ନାମର ଅର୍ଥ ଲାଲ ଅଟେ।

**ଇସ୍‌ହାକର ଭୟ** ପରମେଶ୍ୱରଙ୍କ ଅନ୍ୟ ଏକ ନାମ, ଏଥିରୁ ଜଣାପଡେ ପରମେଶ୍ୱର କେତେ ଶକ୍ତିଶାଳୀ।

**ଇମ୍ମାନୁୟେଲ** ଏହି ନାମର ଅର୍ଥ ହେଉଛି, ଆମ୍ଭମାନଙ୍କ ସହିତ ପରମେଶ୍ୱର ଅଛନ୍ତି।

**ଇଲୀୟେଷର** ଏହି ନାମର ଅର୍ଥ “ମୋର ପରମେଶ୍ୱର ସାହାଯ୍ୟ କରନ୍ତି।”

**ଇଷ୍କୋଲ** ଏହା ଏକ ଏବ୍ରୀୟ ନାମ ଯାହାର ଅର୍ଥ “ପେନ୍ଥାଏ ଅଙ୍ଗୁର।”

**ଇଦୋମ** ଏହି ଭୂମି ଇସ୍ରାୟେଲର ଉତ୍ତର ପୂର୍ବରେ ଅବସ୍ଥିତ।

**ଇଫ୍ରୟିମ୍** ଯୋଷେଫଙ୍କର କନିଷ୍ଠ ପୁତ୍ର (ଆଦି 41:50-52) ଇଫ୍ରୟିମଙ୍କର ପରିବାର ଇସ୍ରାୟେଲ ପରିବାରବର୍ଗରେ ହୋଇଗଲେ।

## ଉ

**ଉଷିୟ** ଯିହୂଦାର ଜଣେ ରାଜା। ସେ 767-740 B. C ପର୍ଯ୍ୟନ୍ତ ଶାସନ କଲେ।

**ଉରୀମ୍ ଓ ତୁମ୍ମୀମ୍** ପ୍ରଶ୍ନଗୁଡିକର ପରମେଶ୍ୱରଙ୍କଠାରୁ ଉତ୍ତର ଜାଣିବାପାଇଁ ଯାଜକମାନଙ୍କ ଦ୍ୱାରା ବ୍ୟବହାର କରାଯାଉଥିଲା। ସମ୍ଭବତଃ ସେଗୁଡିକ ଲୋଟ୍ଟା, ଗୋଟି, କାଠି କିମ୍ବା ହାଡଗୁଡିକ ଯାହାସବୁ ପଶାକାଠି ପରି ଫୋପାଡାଯାଉଥିଲା।

**ଉଚ୍ଚସ୍ଥାନ** ପରମେଶ୍ୱରଙ୍କୁ ଅଥବା ଭଣ୍ଡ ଦେବତାମାନଙ୍କୁ ପୂଜା କରିବା ସ୍ଥାନ। ସାଧାରଣତଃ ଏହି ସ୍ଥାନଗୁଡିକ ପାହାଡ ପର୍ବତରେ ଥାଏ।

## ଏ

**ଏଶୌ** ଅର୍ଥ "ଲୋକବ୍ୟାପ୍ତ"

**ଏଷକ** ଏହାର ଅର୍ଥ ହେଉଛି "ବିବାଦ କିମ୍ବା କଳହ କରିବା।"

**ଏଲ ଇସ୍ରାୟେଲର ପରମେଶ୍ୱର** ହିବ୍ରୁରେ ତାହା "ଏଲ-ଇଲୋହି-ଇସ୍ରାୟେଲ।"

**ଏଲ୍-ବୈଥେଲ୍** ଅର୍ଥ "ବୈଥେଲର ପରମେଶ୍ୱର।"

**ଏଲପାରଣ** ପ୍ରାୟତଃ ଏଲଥ ନଗର ଯିଏକି ଲୋହିତ ସାଗର ପାଖରେ ଇସ୍ରାୟେଲର ଦକ୍ଷିଣରେ ଅବସ୍ଥିତ ସୀମା ପଦାରେ।

**ଏବ୍ରୀୟ** ଅର୍ଥାତ୍ "ଇସ୍ରାୟେଲୀୟ" ଏହି ନାମର ଅର୍ଥ ମଧ୍ୟ "ଏବରର ବଂଶଧର" ଅର୍ଥାତ୍ ଫରାତ୍ ନଦୀର ପଶ୍ଚିମସ୍ଥ ଲୋକମାନେ।

**ଏସୋବ୍** ପାଖାପାଖି ତିନିଫୁଟ୍ଟ ଲମ୍ବ ବିଶିଷ୍ଟ ଡେମ୍ଫ ଥିବା ବୃକ୍ଷ। ପତ୍ରଗୁଡିକ ଓ ଶାଖାଗୁଡିକ କେଶପରି, ତେଣୁ ସେଗୁଡିକ ତୂଳିପରି ବ୍ୟବହାର କରାଯାଇ ପାରୁଥିଲା।

**ଏ କ'ଣ** ହିବ୍ରୁ ଏହା "ମାନ୍ନା" ଶବ୍ଦପରି।

**ଏଫୋଦ** ଯାଜକମାନଙ୍କ ଦ୍ୱାରା ପରିଧାନ କରାଯାଉଥିବା ଏକ ବିଶେଷ ପୋଷାକ। ଦେଖନ୍ତୁ 28:6-14

**ଏସୋବ** ପବିତ୍ର କରଣାର୍ଥେ ଉତ୍ସବରେ ବଳି କିମ୍ବା ରକ୍ତ ଛିଞ୍ଚିବା ପାଇଁ ବ୍ୟବହୃତ ଶୁଦ୍ଧ ଶାଖା ଓ ପତ୍ରଯୁକ୍ତ ବୃକ୍ଷ।

**ଏଲ୍-ବେରୀତ** ଏହି ଦେବତାର ନାମର ଅର୍ଥ "ପରମେଶ୍ୱରଙ୍କର ଚୁକ୍ତି।"

## ଐ

**ଐନ-ହକ୍କୋରୀ** ତା'ର ଦ୍ୱାରା ଡକା ହୋଇଥିବ।

## କ

**କିରୂବ** ପରମେଶ୍ୱରଙ୍କ ଦ୍ୱାରା ପଠାଯାଇଥିବା ଦୂତ ଏହାର ମୂର୍ତ୍ତି ସିନ୍ଦୁକ ଉପରେ ଥିଲା।

**କୟିନ** ଏହି ହିବ୍ରୁ ଶବ୍ଦ ଅର୍ଥ ପରି ଯାହାର ଅର୍ଥ ତିଆରି କରିବା ବା ପାଇବା।

**କିଣାନ** ହାମର ପୁତ୍ର, ପଲେଷ୍ଟୀୟ, ଲେବାନନ୍ ଓ ସୋର ସମୁଦ୍ର ତଟରେ ରହୁଥିଲେ। ପରମେଶ୍ୱର ଏହି ସ୍ଥାନକୁ ଇସ୍ରାୟେଲମାନଙ୍କୁ ଦେଲେ।

**କଲଦୀୟମାନଙ୍କ** ଦକ୍ଷିଣ ବାବିଲର ଉରୂ ନଗର ହୋଇପାରେ।

**କମୋଶ** ମୋୟାବ ଦେଶୀୟମାନଙ୍କର ଜାତୀୟ ଦେବତା, ଏପରିକି ଯଦିଓ ମିଲ୍‌କମ୍ ଅମ୍ମୋନୀୟ ଲୋକମାନଙ୍କର ଦେବତା ଥିଲେ।

**କରେଥୀୟ** ଅର୍ଥାତ୍ "କ୍ରିଥିର ଲୋକମାନେ" ସମ୍ଭବତଃ ପଲେଷ୍ଟୀୟମାନେ ଅଟନ୍ତି। କିନ୍ତୁ ଦାଉଦଙ୍କର କେତେକ ସର୍ବୋତ୍ତମ ସୈନ୍ୟ କରେଥୀୟ ଥିଲେ।

**କରେଥୀୟ ଓ ପରେଥୀୟ** ଏମାନେ ଦାଉଦଙ୍କର ବିଶେଷ ଅଙ୍ଗରକ୍ଷକ। ଏକ ପ୍ରାଚୀନ ଅରାମୀୟ ଅନୁବାଦରେ "ଧନୁ ତୀର ଓ ବାଟ୍ଟଳରେ ତାଲିମପ୍ରାପ୍ତ।

**କଦେଶ ମରୁଭୂମି** ସିରିଆରେ ଏକ ମରୁଭୂମି, ଏହାର ଅର୍ଥ ମଧ୍ୟ ହୋଇପାରେ "ପବିତ୍ର ମରୁଭୂମି।"

**କାକ୍ଷିନେବା** ସାବୁନ ପରି ଏକ ରାସାୟନିକ ପଦାର୍ଥ ବ୍ୟବହାର କଲେ।

**କାର୍ମେଲ ପର୍ବତ** ଏହି ନାମର ଅର୍ଥ, "ପରମେଶ୍ୱରଙ୍କ ଦ୍ରାକ୍ଷାଲତା।" ବହୁତ ନଗରଗୁଡିକ ଓ ଇସ୍ରାୟେଲ ଉତ୍ତର ପଟ୍ଟରେ ଅବସ୍ଥିତ ପର୍ବତର ନାମ।

**କମୋଶ** କମୋଶ ମୋୟାବୀୟ ଲୋକମାନଙ୍କର ଦେବତା।

**କିରୂବ ଦୂତଗଣ** ପରମେଶ୍ୱରଙ୍କର ବିଶେଷ ଦୂତଗଣ। ନିୟମ ସିନ୍ଦୁକ ଉପରେ ଏହି ଦୂତଗଣଙ୍କର ଚିତ୍ର ଥାଏ।

**କୁଷ୍ଠରୋଗ** ଫିମ୍ପି, ଗିଉଳି ଏବଂ ମନ୍ଦ ଚର୍ମରୋଗ ପାଇଁ ଏହା ଏବ୍ରୀୟ ଶବ୍ଦ। ଏଗୁଡିକ କୁଷ୍ଠରୋଗ ବୋଲି ଗଣନା କରାଯାଏ ନାହିଁ।

**କୁମ୍ପା** ଦ୍ରାକ୍ଷାରସ ରଖିବା ନିମନ୍ତେ ପଶୁଚର୍ମରେ ନିର୍ମିତ ଥଳି।

## ଖ

**ଖୋଲିଲ** ପରଦା ଖୋଲିଲେ।

## ଗ

**ଗୋମେଦକମଣି:** ବହୁତ ନୀଳ ଏବଂ ଧୂସର ଥାକ ଥିବା ମୂଲ୍ୟବାନ୍ ପ୍ରସ୍ତର।

**ଗଲ-ୟିଦ** ଗିଲୟିଦ ଅନ୍ୟ ଏକ ନାମ। ଏହି ହିବ୍ରୁ ନାମର ଅର୍ଥ "ଚୁକ୍ତିର ପଥର ଗଦା।"

**ଗୋଫର କାଠ** ଏକ ପ୍ରକାର ଗଛର କାଠ।

**ଗାଦ** ଏହି ନାମର ଅର୍ଥ ଭାଗ୍ୟଶାଳି ବା ସେନା ଅଟେ।

**ଗୁଗ୍ଗୁଳ** ଔଷଧୀୟ ଗୁନ୍ଦୁ ବୃକ୍ଷ।

**ଗେର୍ଶୋମ୍** ଏହା ଏବ୍ରୀୟ ଶବ୍ଦପରି ଯାହାର ଅର୍ଥ "ସେଠାରେ ଜଣେ ଆଗନ୍ତୁକ।"

**ଗିବୟା, ରାମା** ଯିହୁଦା ଉପରିସ୍ଥ ପର୍ବତ ଇସ୍ରାୟେଲର ସିମାନ୍ତ ପ୍ରଦେଶ।

**ଗିଲ୍‌ଗଲ୍** ଇସ୍ରାୟେଲର ଏକ ନଗର। ସେଠାରେ ଭଣ୍ଡ ଦେବତାମାନଙ୍କୁ ପୂଜା କରୁଥିବା ଲୋକମାନେ।

**ଗିତ୍ତୀୟ ଓ ବେଦ-ଇଦୋମ** ଯିରୁଶାଲମ ନିକଟ୍ଟରେ ବାସ କରୁଥିବା ଲେବୀ ଗୋଷ୍ଠୀର ଜଣେ ବ୍ୟକ୍ତି।

**ଗୁଣିଆ** ଜଣେ ବ୍ୟକ୍ତି ଯିଏ ଯାଦୁବିଦ୍ୟା ଦେଖାଇବା ପାଇଁ ମନ୍ଦ ଆତ୍ମାର ବ୍ୟବହାର କରେ।

**ଶେକଲ** ଏକ ଶେକଲ, ଆଉନ୍‌ସର 2/5 ମାଂଶ।

**ଶେଶୟ, ଅହୀମାନ, ତଲୟ** ହାନୋକ ନାମକ ବ୍ୟକ୍ତିର ତିନି ପୁଅ। ସେମାନେ ରାକ୍ଷସ ଥିଲେ। ଦେଖନ୍ତୁ ଗଣନା 13:22.

**ଗିଲ୍‌ଗଲ** ଏହି ନାମର ଏବ୍ରୀୟ ଶବ୍ଦ ପରି ଯାହାର ଅର୍ଥ "ଗଡ଼ଗଡ଼ ଯିବା।"

**ଗରଷୀମ ପର୍ବତ** ଏହି ପର୍ବତ ଶିଖିମ୍ ନଗରର ପାର୍ଶ୍ୱରେ ଅବସ୍ଥିତ।

## ଘ

**ଘେନ ରାଜା** ଭଣ୍ଡ ଦେବତା। ଏହି ନାମର ଅର୍ଥ ହିବ୍ରୁ ଶବ୍ଦ ପରି "ରାଜା।"

## ଚ

**ଚର୍ମରୋଗ** ଆକ୍ଷରୀକ ଭାବରେ "କୁଷ୍ଠରୋଗ" ଏବ୍ରୀୟ ଶବ୍ଦରେ ବିଭିନ୍ନ ପ୍ରକାର ଚର୍ମରୋଗ ହୋଇ ପାରିବ।

## ଛ

**ଛୁଟିଦିନ** ଏହା ସମ୍ଭବତଃ ବିଶ୍ରାମ ଦିନ।

## ଜ

**ଜ୍ୟେଷ୍ଠ ଅଧିକାର** ବାପା ମରିବାପରେ ପ୍ରଥମ ପୁତ୍ର ପିତା ଅଧିକାରର ଅଧିକ ପାଇଥାଏ। ପରିବାରକୁ ସଂରକ୍ଷଣ ବଡ଼ପୁଅ ଦେଉଥିଲା।

**ଜୀବନଦାୟକ ବୃକ୍ଷ** ଯେଉଁ ବୃକ୍ଷର ଫଳ ଲୋକମାନଙ୍କୁ ଚିରଦିନ ବଞ୍ଚିବାକୁ ଶକ୍ତି ଦିଏ। ଦେଖନ୍ତୁ ଆଦି 3:22 ଏବଂ ପ୍ରକାଶିତ 22:1-2।

## ତ

**ତାଡ଼ଶୂନ୍ୟ ରୋଟୀର ପର୍ବ** ନିସ୍ତାର ପର୍ବ ଓ ଏହା ସପ୍ତାହ ଧରି ଗ୍ଭଲୁ ରହିବ। ଲୋକମାନେ ତାଡ଼ଶୁନ୍ୟ ରୋଟୀ ଖାଇଲେ (ବିନା ଖମୀର ଦ୍ୱାରା ତିଆରି କରାଯାଇଥିବା ରୋଟୀ)। ପରମେଶ୍ୱର ସେମାନଙ୍କୁ ଇସ୍ରାୟେଲରୁ ମିଶର ପର୍ଯ୍ୟନ୍ତ ପଥ ପ୍ରଦର୍ଶନ କଲେ ଓ ସେହି ସମୟ ସ୍ମରଣ କରିବାକୁ ସାହାଯ୍ୟ କଲେ। ଲୋକମାନଙ୍କର ସମୟ ନଥିବାରୁ ସେମାନେ ଜାଗ୍ରତ ହେବାକୁ ରୋଟୀ ପାଇଁ ଅପେକ୍ଷା କରିପାରି ନଥିଲେ। କାରଣ ସେମାନେ ବହୁତ ବ୍ୟସ୍ତ ଥିଲେ।

**ତାଙ୍କ ସାଦୃଶ୍ୟ** ସେ ତାଙ୍କୁ ପରମେଶ୍ୱରଙ୍କ ସଦୃଶ୍ୟ ସୃଷ୍ଟି କଲେ। ଉତ୍ପତ୍ତି 1:2-3.

**ତିରିଶଜଣ ବୀର** ଏହି ଲୋକମାନେ ଦାଉଦଙ୍କର ବିଖ୍ୟାତ ସୈନ୍ୟଦଳ।

## ଦ

**ଦୈତ୍ୟମାନେ** ଆକ୍ଷରୀକଭାବରେ "ନେଫଲୟ, ଏହି ନାମର ଅର୍ଥ "ଲୋକମାନେ ଯେଉଁମାନେ ପତୀତ ହୋଇଛନ୍ତି।" ପରେ ଏହିସବୁ ନେଫଲୀୟଗଣ ଯୋଦ୍ଧାମାନଙ୍କର ବିରାଟ ପରିବାର ଥିଲେ। ଦେଖନ୍ତୁ (ଗଣନା 13:32-33)।

**ଦାନ** ଏହା ବାକ୍ୟ ପରି ଅର୍ଥ, "ସେ ସ୍ଥିର କଲେ କିମ୍ବା ସେ ନ୍ୟାୟ କଲେ।"

**ଦୋଦାନୀମ୍** ଇଦୋମର ଲୋକମାନେ ହୋଇପାରନ୍ତି।

**ଦକ୍ଷିଣ ଦିଗକୁ** ଦକ୍ଷିଣ ନଗରକୁ।

**ଦାଣ୍ଡରେ** ନଗରର ଘର ସାମ୍ନାରେ ଥିବା ରାସ୍ତା।

**ଦୁଦାଫଳ** ହିବ୍ରୁ ଭାଷାରେ ଅର୍ଥ ପ୍ରେମ ଫୁଲ।

**ଦର୍ଶନର ଉପତ୍ୟକା** ଏହାର ଅର୍ଥ ସମ୍ଭବତଃ ଉପତ୍ୟକା ଯିରୁଶାଲମ ନିକଟସ୍ଥ।

**ଦ୍ରାକ୍ଷାକୁଣ୍ଡ** ଦ୍ରାକ୍ଷାରସ ବାହାର କରିବା ପାଇଁ ଉଦ୍ଦିଷ୍ଟ ଏକ ସ୍ଥାନ। ଏକ ବଡ଼ ପଥରରେ ଗୋଟିଏ ଗର୍ତ୍ତ କରାଯାଇଥିଲା।

**ଦାଗୋନ** ଏହି ଦେବତା ସେମାନଙ୍କୁ ଭଲ ଫସଲ ଦେବେ ବୋଲି ଆଶା କରି କିଣାନୀୟ ଲୋକମାନେ ଏହି ଭଣ୍ଡ ଦାଗୋନ ଦେବତାର ପୂଜା କରୁଥିଲେ। ଏହା ପଲେଷ୍ଟିୟମାନଙ୍କର ସବୁଠାରୁ ମହତ୍ୱପୂର୍ଣ୍ଣ ଦେବତା ଅଟନ୍ତି।

**ଦାଉଦ ନଗର** ଯିରୁଶାଲମ ନଗରର ଦକ୍ଷିଣ ପୂର୍ବର ପୁରାତନ ଅଂଶ।

**ଦର୍ଶକ** ଏକ ପ୍ରକାର ଭବିଷ୍ୟଦ୍‌ବକ୍ତା, ଯେଉଁ ବ୍ୟକ୍ତି ପରମେଶ୍ୱରଙ୍କ ନିମନ୍ତେ କହେ। ଏହା ବାକ୍ୟ ଦେଖାଯାଏ ଯେ, ଭବିଷ୍ୟଦ୍‌ବକ୍ତା ଦର୍ଶନରେ ଦେଖିଥାନ୍ତି।

**ଦର୍ଶନ** ଏକ ସ୍ୱପ୍ନ ପରି। ପରମେଶ୍ୱର ନିଜର ବିଶେଷ ଭକ୍ତଙ୍କୁ ଅନେକ ଅର୍ଶନ ଦେଖିବା ପାଇଁ ଓ ଶୁଣିବା ପାଇଁ ଶକ୍ତି ଦେଇ ନିଜର ବାର୍ତ୍ତା ଦେଲେ।

**ଦୁଇ ପ୍ରସ୍ତର ଫଳକ ସିନ୍ଦୁକ** ସେହି ଦୁଇ ପ୍ରସ୍ତର ଫଳକ ସିନ୍ଦୁକ ଉପରେ ପରମେଶ୍ୱର ଯେଉଁ ଦଶ ଆଜ୍ଞା ଲେଖିଲେ।

## ନ

**ନୋହ** ଏହି ନାମର ଅର୍ଥ ସାନ୍ତ୍ୱନା।

**ନେପୋଲୟ** ପରେ ଶୁଷା ସମୟରେ ନେପୋଲୟ ଏକ ଯୋଦ୍ଧା ପରିବାର ଥିଲା।

**ନପ୍ତାଲି** ଏହି ନାମର ଅର୍ଥ ମୋର ସଂଘର୍ଷ।

**ନାଖୁଡ୍** ଏହି ନାମର ଅର୍ଥ ଶୋକ ବୃକ୍ଷ।

**ନିସ୍ତାରପର୍ବ** ଏବ୍ରୀୟ ଶବ୍ଦର ଅର୍ଥ "ବାଦ୍ ଦେବା, ଉପେକ୍ଷା କରିବା" ଅର୍ଥାତ୍ "ରକ୍ଷା କରିବା।"

**ନୟମୀ** ହିବ୍ରୁ ଅର୍ଥ "ଆନନ୍ଦ"

**ନାବଲ** ଏହି ନାମର ଅର୍ଥ "ବୋକାମି।"

**ନବୋ** ମୋୟାବ ଦେଶରେ ଏକ ନଗର ଏବଂ ଭଣ୍ଡ ଦେବତାର ନାମ।

**ନୀନିବୀ** ଅଶୂରର ରାଜଧାନୀ। ଅଶୂର ସୈନ୍ୟମାନେ ଉତ୍ତର ଇସ୍ରାୟେଲକୁ 723-721 B. C ରେ ଧ୍ୱଂଶ କଲେ।

**ନଳାକାର ପୁସ୍ତକ** ଲମ୍ବା ଚମଡ଼ା କିମ୍ବା ପେପର ଯାହା ପୁସ୍ତକଗୁଡ଼ିକ, ଅକ୍ଷରଗୁଡ଼ିକ ଓ ଅନ୍ୟାନ୍ୟ ନଥିପତ୍ର ଲେଖିବା ସକାଶେ ବ୍ୟବହାର ହୁଏ।

**ନାସରୀୟ** ଜଣେ ବ୍ୟକ୍ତି ଯିଏ ପରମେଶ୍ୱରଙ୍କ ନିକଟରେ ବିଶେଷ ପ୍ରତିଜ୍ଞା କରିଛି। ଏହା ଏକ ଏବ୍ରୀୟ ନାମ ଯାହାର ଅର୍ଥ "ଅଲଗା ହେବା।"

**ନେଫଲମ୍** ଲମ୍ବା ଓ ଶକ୍ତିଶାଳି ଯୋଦ୍ଧାମାନଙ୍କର ଗୋଟିଏ ପ୍ରସିଦ୍ଧ ବଂଶ।

**ନୋଫର ଓ ତଫନହେଷର** ମିଶରର ଦୁଇଟି ନଗର।

**ନିୟମ ସିନ୍ଦୁକ** ଦଶ ଆଜ୍ଞା ଲେଖା ହୋଇଥିବା ପ୍ରସ୍ତର ଫଳକକୁ ଓ ଅନ୍ୟସବୁ ଧାରଣ କରିଥିବା ସିନ୍ଦୁକ ଯାହା ପ୍ରମାଣକରେ ଯେ, ସୀନୟ ମରୁଭୂମିରେ ଭ୍ରମଣ ସମୟରେ ପରମେଶ୍ୱର ଇସ୍ରାୟେଲର ଲୋକମାନଙ୍କ ସହିତ ଥିଲେ।

**ନିରାପତ୍ତାର ନଗର** ଏକ ବିଶେଷ ନଗର ଯେଉଁଠାରେ ଇସ୍ରାୟେଲୀୟମାନେ ଦୌଡ଼ି ଯାଇ ଓ କ୍ରୋଧି ସମ୍ପର୍କୟଠାରୁ ଯଦି ସେ ଅପ୍ରତ୍ୟାଶିତ ଭାବରେ କେହି ଜଣକୁ ଆଘାତରୁ ରକ୍ଷା କରେ। ଦେଖନ୍ତୁ 20:1-20.

**ନିସ୍ତାର ପର୍ବ** ଯିହୂଦୀମାନଙ୍କ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ଛୁଟିଦିନ। ପରମେଶ୍ୱର ସେମାନଙ୍କୁ ମିଶରର ଦାସତ୍ୱ ପ୍ରଥାରୁ ଉଦ୍ଧାର କରିଛନ୍ତି ବୋଲି ସେମାନେ ମୋଶାଙ୍କ ସମୟରେ ପ୍ରତିବର୍ଷ ଏହି ଦିନରେ ବିଶେଷ ଭୋଜିର ଆୟୋଜନ ସ୍ମରଣ କରିଥିଲେ।

**ନିୟମ ସିନ୍ଦୁକ** ଅର୍ଥାତ୍ ପ୍ରସ୍ତର ଫଳକରେ ଲିଖିତ ଦଶାଜ୍ଞା ଓ ଅନ୍ୟ ଧାରଣ କରିଥିବା ସିନ୍ଦୁକ ଯାହା ପ୍ରମାଣ କରେ ଯେ, ଇଶ୍ରାୟେଲ ଲୋକମାନଙ୍କର ସୀନୟ ମରୁଭୂମିରେ ଭ୍ରମଣ ସମୟରେ ପରମେଶ୍ୱର ସେମାନଙ୍କ ସହିତ ଥିଲେ।

**ନେଗେଭ** ଯିହୁଦା ଦକ୍ଷିଣସ୍ଥ ମରୁଭୂମି।

## ପ

**ପନୂୟେଲ** ଅର୍ଥ "ପରମେଶ୍ୱରଙ୍କ ମୁଖ"

**ପେରସ୍** ଏହି ନାମର ଅର୍ଥ ହେଉଛି, "ଭେଦକରିବା।"

**ପ୍ରଧାନ...ଥିଲା** ଆକ୍ଷରୀକ ଭାବରେ ଯୋଷେଫ ଅନୁକୂଳ ବ୍ୟାଖ୍ୟା ଅନ୍ୟମାନଙ୍କର ସ୍ୱପ୍ନକୁ ଦେଲା।

**ପେଲଗ୍** ଏହି ନାମର ଅର୍ଥ ବିଭାଜନ।

**ପ୍ରାନ୍ତର** ଏ ଦେଶମ ଦେଶର ପାହାଡ ଶ୍ରେଣୀୟ ସ୍ଥାନ।

**ପରମେଶ୍ୱର ଦୟାକର** ହିବ୍ରୁ ନାମ "ସାମନ୍ତ ବା ପରମେଶ୍ୱର ପାଇଁ।

**ପାପାର୍ଥକ ନୈବେଦ୍ୟ** ପାପମୋଚନ ପାଇଁ ଦିଆଯାଉଥିବା ବଳି।

**ପବିତ୍ର ତମ୍ବୁ** ଅର୍ଥାତ୍ "ମଣ୍ଡପ" ଯେଉଁ ତମ୍ବୁରେ ପରମେଶ୍ୱର ତାଙ୍କର ଲୋକମାନଙ୍କ ସହିତ ବାସ କରିବା ପାଇଁ ଆସିଥିଲେ। ଏହାକୁ ବେଳେବେଳେ "ସମାଗମ ତମ୍ବୁ" ବୋଲି ମଧ୍ୟ କୁହାଯାଉଥିଲା।

**ପ୍ରାୟଶ୍ଚିତ୍ତ** ଏବ୍ରୀୟ ଶବ୍ଦ ଅର୍ଥ "ଆଚ୍ଛାଦନ କରିବା", "ଲୁଚାଇବା" ଅର୍ଥାତ୍ "ପାପଗୁଡିକୁ ପୋଛିଦେବା।"

**ପ୍ରଥମ ମାସ** ନିଶାନ, ଯିହୁଦୀୟ ପଞ୍ଜିକାର ପ୍ରଥମ ମାସ। ଏହା ମାର୍ଚ୍ଚ ଏପ୍ରିଲ ମାସ ଅଟେ।

**ପ୍ରାୟଶ୍ଚିତ୍ତର ଦିନ** ଏହାକୁ "ଯୁମ୍ କିପୁର" କୁହାଯାଏ। ଏହା ଯିହୁଦୀମାନଙ୍କର ମହତ୍ତ୍ୱପୂର୍ଣ୍ଣ ବିଶ୍ରାମ ଦିନ। ଏହି ଦିନ ମହାଯାଜକ ମହାପବିତ୍ର ସ୍ଥାନକୁ ଯାଏ ଓ ଉତ୍ସବ ପାଳନ କରେ, ଯାହା ଲୋକମାନଙ୍କର ପାପଗୁଡିକର ପ୍ରାୟଶ୍ଚିତ୍ତ କରେ।

**ପବିତ୍ର ସିନ୍ଦୁକ** ଅର୍ଥାତ୍ଦଶଟି ଆଜ୍ଞା ଲିଖିତ ପ୍ରସ୍ତର ଫଳକ ଏହି ସିନ୍ଦୁକରେ ଥିଲା। ଏବଂ ସୀନୟ ମରୁଭୂମିରେ ଥିବା ସମୟରେ ପ୍ରମାଣିତ ଯେ ପରମେଶ୍ୱର ଇଶ୍ରାୟେଲ ଲୋକମାନଙ୍କ ସହିତ ଥିଲେ।

**ପତ୍ରକୁଟୀର ପର୍ବ** ସୁକ୍କୋଟ ବୋଲି ମଧ୍ୟ କୁହାଯାଏ ଅର୍ଥାତ୍ "ପତ୍ରକୁଟୀର ଭୋଜି ଉତ୍ସବ।" ସେହି ସମୟରେ ପ୍ରାଚୀନ ଇଶ୍ରାୟେଲର ଯିହୁଦୀୟ ଲୋକମାନେ ଯିରୁଶାଲମକୁ ଯାଉଥିଲେ ଏବଂ ତମ୍ବୁରେ ଏବଂ ଅସ୍ଥାୟୀ ଭୁମ୍ପରେ ବାସ କରୁଥିଲେ ସୀନୟ ମରୁଭୂମିର ସମୟକୁ ମନେ ପକାଇବା ପାଇଁ।

**ପରମେଶ୍ୱରଙ୍କ ଗୃହ** ଏହାର ଅର୍ଥ ହୁଏତ୍ "ପରମେଶ୍ୱରଙ୍କ ପରିବାର" (ଇଶ୍ରାୟେଲ) ଅଥବା ହୁଏତ ଏହା ପବିତ୍ର ତମ୍ବୁ ବା ମନ୍ଦିର ହୋଇପାରେ।

**ପବିତ୍ର ଦ୍ୱାରବନ୍ଧ** ଏହାର ଅର୍ଥ ଶିଲୋର ପବିତ୍ର ତମ୍ବୁ ହୋଇପାରେ, ଯେଉଁଠାରେ ଲୋକମାନେ ସଦାପ୍ରଭୁଙ୍କର ଉପାସନା କରୁଥିଲେ ଅର୍ଥାତ୍ ଏକ ପ୍ରକାଣ୍ଡ ଜାଗା ଯେଉଁଠାରେ ସେମାନେ ପବିତ୍ର ତମ୍ବୁ ସ୍ଥାପନ କରୁଥିଲେ।

**ପରମେଶ୍ୱରଙ୍କ ପବିତ୍ର ସିନ୍ଦୁକ** ନିୟମ ସିନ୍ଦୁକ! ସୀନୟ ମରୁଭୂମି ସମୟ ବହୁତ କିଛି ଏହି ସିନ୍ଦୁକ ଭିତରେ ରହିଥାଏ।

**ପୂର୍ବପୁରୁଷଗଣ** ଆକ୍ଷରୀକଭାବରେ "ଜନକ" ଏହାର ଅର୍ଥ ହେଉଛି ଜଣେ ବ୍ୟକ୍ତିର ପିତା, ଜେଜେବାପା ଏବଂ ସମସ୍ତ ଲୋକ ସେମାନଙ୍କର ବଂଶଧର।

**ପବିତ୍ର ରୋଟୀ** ଏହା ବିଶେଷ ରୋଟୀ ଥିଲା ଯାହା ପବିତ୍ର ତମ୍ବୁରେ ରଖାଯାଉଥିଲା। ଏହା ମଧ୍ୟ "ଦର୍ଶନୀୟ ରୋଟୀ" କିମ୍ବା "ଉପସ୍ଥିତିର ରୋଟୀ" କୁହା ଯାଉଥିଲା। ଦେଖନ୍ତୁ ଲେବୀୟ 24:5-9.

**ପାନପାତ୍ର ବହକ** ଏହା ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିବା। ଏହି କର୍ମଚାରୀ ସର୍ବଦା ରାଜାଙ୍କ ସହିତ ସମ୍ପର୍କ ଥିଲା। ରାଜାଙ୍କୁ ଦ୍ରାକ୍ଷାରସ ଚାଖିବା ପାଇଁ ସମର୍ଥ ଦେଲେ ଯେ, ଜଣେ ମଧ୍ୟ ରାଜାଙ୍କୁ ବିଷ ଦେବା ପାଇଁ ଚେଷ୍ଟା କରି ନଥିଲେ।

**ପରମେଶ୍ୱରଙ୍କ ସନ୍ତାନଗଣ** ଏହାର ଅର୍ଥ ସମ୍ଭବତଃ ପରମେଶ୍ୱରଙ୍କ ଦୂତଗଣ ଯେଉଁମାନେ ଯାଜକଗଣ ପରି ପରମେଶ୍ୱରଙ୍କୁ ସ୍ୱର୍ଗରେ ଆରାଧନା କରୁଥିଲେ।

**ପାଦପୀଠରେ** ଏହାର ଅର୍ଥ ସମ୍ଭବତଃ ମନ୍ଦିର।

**ପାତାଳ** ଯେତେବେଳେ ସମସ୍ତ ଲୋକ ମୃତ୍ୟୁବରଣ କରନ୍ତି, ସେମାନେ ଏହି ସ୍ଥାନକୁ ଯାଆନ୍ତି। ସାଧାରଣତଃ ଏହାର ଅର୍ଥ କବରସ୍ଥାନ। କିନ୍ତୁ ଏହାର ଅର୍ଥ ହୋଇପାରିବ, ଯେଉଁ ସ୍ଥାନକୁ ଆମ୍ଭମାନଙ୍କର ଆତ୍ମା ଯାଏ।

**ପିନ୍ଧି ଭସ୍ମରେ ବସିଲା** ସେମାନେ ଦୁଃଖରେ ଥିଲେ ବୋଲି ଲୋକମାନେ ଏହା ଦେଖାଇ କଲେ।

**ପ୍ରହରୀଗଣ** ଭବିଷ୍ୟଦ୍‌ବକ୍ତାଗଣ ନଗରର ପ୍ରାଚୀର ନିକଟରେ ଛିଡା ହୋଇଥିବା ପ୍ରହରୀ ପରି ଥିଲେ ଏବଂ ଦୂରରୁ ଆସୁଥିବା କଷ୍ଟ ପାଇଁ ସତର୍କ ଦୃଷ୍ଟି।

**ପାପାର୍ଥକ ନୈବେଦ୍ୟ:-** ପାପମୋଚନ ପାଇଁ ଦିଆଯାଉଥିବା ବଳି

**ପେଲଗ୍** ଏହାର ଅର୍ଥ ହେଉଛି "ବିଭାଜନ।"

**ପେରସ ଉଷ** ଏହି ନାମର ଅର୍ଥ "ଉଷର ଦଣ୍ଡ।"

## ଫ

**ଫରାତ୍** ଦୁଇଟି ବଡ ନଦୀ ଯିଏ ବାବିଲ ଓ ଅଶୂର ମଧ୍ୟ ଦେଇ ବହୁଛି।

**ଫାରୋ** ଏକ ଉପାଧି ମିଶରର ରାଜାଙ୍କ ପାଇଁ ଲୋକମାନେ ବ୍ୟବହାର କରନ୍ତି। ଏହି ଶବ୍ଦର ଅର୍ଥ "ବୃହତ ଗୃହ।"

## ବ

**ବେରଲହୟ-ରୋୟୀ:** ଏହାର ଅର୍ଥ "ଦର୍ଶନାନ୍ତେ ଜୀବନ୍ତ କୂପ"

**ବୈଥେଲ** ଏହାର ଅର୍ଥ ହେଉଛି "ପରମେଶ୍ୱରଙ୍କ ଗୃହ।"

**ବିନୋନୀ** ଏହାର ଅର୍ଥ ହେଉଛି "କଷ୍ଟଜାତ ପୁତ୍ର।"

**ବିନ୍ୟାମୀନ** ଏହାର ଅର୍ଥ ହେଉଛି, "ଦକ୍ଷିଣ ହସ୍ତର ପୁତ୍ର" (ଦକ୍ଷିଣ ହସ୍ତ ଶକ୍ତିର ଚିହ୍ନ)କିମ୍ବା ଆସ୍ତିକପୁତ୍ର।

**ବଳପୂର୍ବକ ଅପହରଣ କରିଛନ୍ତି:** ଆକ୍ଷରୀକ ଭାବରେ ମୁଁ ଚୋରି ହୋଇ ହୋଇ ଆସିଛି।

**ବ୍ୟାପ୍ତ ଥିଲା** ହିବ୍ରୁ ଭାଷାରେ ଏହାର ଅର୍ଥ "ଉପରେ ପଡିବା" କିମ୍ବା କ୍ଷିପ୍ର ଗତିରେ ଉପରୁ ତଳକୁ ଆସିବା। ଯେପରି ଗୋଟିଏ ପକ୍ଷୀ ତା'ର ଛୁଆକୁ ରକ୍ଷା କରିବା ପାଇଁ ତଳକୁ ଝାମ୍ପ ଦିଏ।

**ବାୟୁମଣ୍ଡଳ** ହିବ୍ରୁ ଅର୍ଥ ବିସ୍ତାର ମଣ୍ଡଳ

**ବାବିଲ** ଅର୍ଥାତ୍ ସଂଭ୍ରମିତ କରିବା।

**ବଂଶଙ୍କୁ** ଏକ ବ୍ୟକ୍ତିର ଭବିଷ୍ୟତ ବଂଶଧର।

**ବେରଶେବା** ଯିହୁଦା ମରୁଭୂମି ଏକ ନଗର। ଏହାର ଅର୍ଥ ଶପଥର କୂପ।

**ବଣିକମାନଙ୍କ** କିଣା ବିକା କରୁଥିବା ବ୍ୟବସାୟୀ।

**ବେଶ୍ୟାପରି** ଏହିଭଳି ସ୍ତ୍ରୀ ଯିଏ ଶାରିରୀକ ସଂବନ୍ଧ ପାଇଁ ଦାମ୍ ନିଏ।

**ବଣିକ** ଏହାର ଅର୍ଥ ଇସ୍ମାୟେଲ୍।

**ବଳିଦାନ** ପରମେଶ୍ୱରଙ୍କୁ ଏକ ଉପହାର। ସାଧାରଣତଃ ଏହା ଗୋଟିଏ ପଶୁ ଯାହାକୁ ହତ୍ୟା କରାଗଲା ଓ ବେଦୀ ଉପରେ ଦଗ୍ଧ କରାଗଲା।

**ବହେମୋତ** ଏହା ଯେଉଁ ପଶୁ ବୋଲି ଆମ୍ଭେମାନେ ନିଶ୍ଚିତ ହୋଇନାହୁଁ। ଏହା ହୋଇପାରେ ଗୋଟିଏ ଜଳ ଘୋଟକ କିମ୍ବା ଗୋଟିଏ ହସ୍ତୀ।

**ବଳସ୍ୱରୁପ** ପରମେଶ୍ୱରଙ୍କ ନାମ ପାଇଁ ଦେଖାଇବା, ସେ ହେଉଛନ୍ତି ଶକ୍ତିର ନିରାପଦ ସ୍ଥାନ।

**ବର୍ଚ୍ଛା** ବର୍ଚ୍ଛା ଭୂମିବା ପରି ଏକ ହତିଆର।

**ବାଟୁଳି** ପଥର ଫିଙ୍ଗିବା ପାଇଁ ଏକ ଚମଡାର ଥଳୀ।

**ବାଲ୍** ଏକ ଭଣ୍ଡ ଦେବତା ଯାହା କିଣାନୀୟ ଲୋକମାନେ ପୂଜା କରୁଥିଲେ।

**ବାଲ-ବରୀତ** ଏହି ଦବତାର ନାମର ଅର୍ଥ "ଚୁକ୍ତିର ପ୍ରଭୁ।"

**ବାଲ୍-ପରାସୀମ୍** ଏହି ନାମର ଅର୍ଥ "ସଦାପ୍ରଭୁ ଅତିକ୍ରମ କରନ୍ତି।"

**ବରାଖା** ଏହି ବାକ୍ୟର ଅର୍ଥ ହେଉଛି "ଆଶୀର୍ବାଦ" କିମ୍ବା "ପ୍ରସଂଶା।"

**ବୋୟସ** ହିବ୍ରୁରେ ବୋୟସର ଅର୍ଥ "ତାଙ୍କ ଭିତରେ ହିଁ ଶକ୍ତି।"

**ବିଶେଷତ୍ୱ ବସ୍ତ୍ର** ଯେତେବେଳେ ସେମାନେ ପରମେଶ୍ୱରଙ୍କୁ ଆରାଧନା କରିବା ପାଇଁ ମନ୍ଦିରକୁ ଗଲେ। ସେହି ସମୟରେ ଲୋକମାନେ ଏହି ବିଶେଷତ୍ୱ ବସ୍ତ୍ର ପିନ୍ଧିଥାନ୍ତି।

**ବିଶ୍ରାମବାର** ଶନିବାର, ବିଶ୍ରାମ ପାଇଁ ଏକ ବିଶେଷ ଦିନ ଓ ଯିହୁଦୀମାନଙ୍କ ପାଇଁ ଉପାସନା।

**ବିଶେଷ ତୈଳ** କିମ୍ବା "ସୁଗନ୍ଧ" ଏହାର ଅର୍ଥ ଯାଜକମାନଙ୍କୁ ଅଭିଷିକ୍ତ ପାଇଁ ବ୍ୟବହାର କରୁଥିବା ତୈଳ ହୋଇପାରେ। ଭବିଷ୍ୟଦ୍‌ବକ୍ତାଗଣ ଏବଂ ରାଜାଗଣ। ଦେଖନ୍ତୁ ଯାତ୍ରା 30:22-38.

**ବୋଖୀମ୍** ଏହି ନାମର ଅର୍ଥ ଲୋକମାନେ କ୍ରନ୍ଦନ କରୁଅଛନ୍ତି।

**ବିଶେଷ ବିଶ୍ରାମଦିନ** ଅର୍ଥାତ୍ ବିଶ୍ରାମଦିନ ହୁଏତ୍ ଏହା ଅର୍ଥ ଶନିବାର ହୋଇପାରେ ଅଥବା ଯେଉଁ ବିଶେଷ ଦିନରେ ଲୋକମାନେ କାର୍ଯ୍ୟ କରନ୍ତି ନାହିଁ।

**ବିରୁଡି** ବିରୁଡି ବା ମହୁମାଛି ପରି ବିନ୍ଧୁଥିବା ପୋକ। ହୁଏତ ଏହାର ଅର୍ଥ ପ୍ରକୃତ ବିରୁଡି ହୋଇପାରେ ଅଥବା ପରମେଶ୍ୱରଙ୍କର ଦୂତ ହୋଇପାରେ ଅଥବା ତାହାଙ୍କର ମହାନ ଶକ୍ତି ହୋଇପାରେ।

**ବେଦୀ** ଏକ ମେଦ ଅର୍ଥାତ୍ ଉତ୍‌ଥିତ ସ୍ଥାନ ଯାହା ବଳିଦାନ ଉତ୍ସର୍ଗ ନିମନ୍ତେ ବ୍ୟବହୃତ ହୁଏ।

## ଭ

**ଭବିଷ୍ୟଦ୍‌ବକ୍ତା** ପରମେଶ୍ୱରଙ୍କର ବାଣୀ ପ୍ରଚାର କରୁଥିବା ବ୍ୟକ୍ତି।

**ଭୂତୁଡିଆ ଓ ଗୁଣିଆ** ଜଣେ ବ୍ୟକ୍ତି, ଯିଏ ମୃତ ବ୍ୟକ୍ତିର ଆତ୍ମା ସହିତ ବାର୍ତ୍ତାଳାପ କରିଥାଏ।

**ଭବିଷ୍ୟଦ୍‌ବକ୍ତା** ପରମେଶ୍ୱରଙ୍କ ଦ୍ୱାରା କଥିତ ବିଶେଷ ସେବକ। ପରମେଶ୍ୱର ଲୋକମାନଙ୍କୁ ଶିକ୍ଷା ଦେବା ପାଇଁ ସେମାନଙ୍କ ମାଧମରେ ସ୍ୱପ୍ନ ଓ ଦର୍ଶନ ଦିଅନ୍ତି।

**ଭୂତୁଡ଼ିଆ** ଜଣେ ବ୍ୟକ୍ତି ଯିଏ ମୃତ ଲୋକମାନଙ୍କର ଆତ୍ମା ସହିତ କଥାବାର୍ତ୍ତା କରେ।

## ମ

**ମୁକ୍ତା** ଏକ ବହୁମୂଲ୍ୟ ସୁବାସିତ ଅଠା।

**ମନୁଷ୍ୟ** ଏହି ନାମର ଅର୍ଥ "ଆଦମ" କିମ୍ବା "ଲୋକମାନେ"। ଏହା ଶାବ୍ଦିକ ଅର୍ଥ "ଭୂମି" କିମ୍ବା "ଲାଲ ମାଟି।

**ମିସପା** ଏହାର ଅର୍ଥ "ଜଗିବା ସ୍ଥାନରୁ।"

**ମହନୟିମ** ଅର୍ଥ "ଦୁଇଦଳ।"

**ମନଃଶି** ଏହାର ଅର୍ଥ "ବିସ୍ମୃତି"।

**ମେଦ** ଚର୍ବି, ପରମେଶ୍ୱରଙ୍କ ପାଇଁ ଉଦ୍ଦିଷ୍ଟ ଯାହାକୁ ପୋଡିବା ସମୟରେ ସୁଗନ୍ଧ ବାହାରେ।

**ମୋଶା:-** ଏହା ଏକ ଏବ୍ରୀୟ ଶବ୍ଦ ଯାହାର ଅର୍ଥ ତଳୁ ଉପରକୁ ଉଠାଇବା କିମ୍ବା ଦୀର୍ଘତର କରିବା।

**ମାରାଠାରେ** ଏହି ନାମର ଅର୍ଥ "ତିକ୍ତ।"

**ମିରୀବା** ଏହି ନାମର ଅର୍ଥ "ବିଦ୍ରୋହ।"

**ମଃସା** ଏହି ନାମର ଅର୍ଥ "ପ୍ରଚେଷ୍ଟା", "ଆବେଗ" ବା "ପରୀକ୍ଷା।"

**ମହାପବିତ୍ର ସ୍ଥାନ** ପବିତ୍ର ତମ୍ବୁ ଭିତରେ ଥିବା କୋଠରୀ ଯେଉଁଠାରେ ପବିତ୍ର ସିନ୍ଦୁକ ଥିଲା।

**ମାରା** ହିବ୍ରୁ ଅର୍ଥ "ତିକ୍ତ"

**ମୁକ୍ତିକର୍ତ୍ତା** ଅର୍ଥାତ୍ "କଷ୍ଟରୁ ମୁକ୍ତ ଦେଉଥିବା ବ୍ୟକ୍ତି।" ଜଣେ ବ୍ୟକ୍ତି ଯିଏ ମୃତ ବ୍ୟକ୍ତିର ପରିବାରର ଦେଖାଶୁଣା କରେ। ସମୟ ସମୟରେ ଏହି ବ୍ୟକ୍ତି ଗରୀବ ପରିବାରକୁ ଦାସତ୍ୱରୁ ମୁକ୍ତ କରିଥାଏ।

**ମନୋନୀତ ରାଜା** ଆକ୍ଷରୀକ ଭାବରେ "ଅଭିଷିକ୍ତ ଜଣକ।"

**ମଫୀବଶେତ୍** ଏହି ଅନ୍ୟ ଜଣେ ଲୋକ ନାମ ଅଟେ, ଯୋନାଥନର ପୁତ୍ର ନୁହେଁ।

**ମହାପବିତ୍ର ଗୃହ** ଭିତର ପାର୍ଶ୍ୱର ଗୃହ, ଯେଉଁଠାରେ ସଦାପ୍ରଭୁଙ୍କ ନିୟମ ସିନ୍ଦୁକ ସ୍ଥାପିତ ହୋଇଥାଏ। ଏହାକୁ ମଧ "ପବିତ୍ରରୁ ମହାପବିତ୍ର" କୁହାଯାଏ। ଏହା ଆଧାମିକ ସ୍ଥାନ ଯେଉଁଠାରେ ପରମେଶ୍ୱର ବାସ କରନ୍ତି ଓ ଆରାଧନା ଯୋଗ୍ୟ।

**ମୀମାଂସାକ ପତ୍ର** କ୍ଷୁଦ୍ର ଦଣ୍ଡଗୁଡିକ, ପ୍ରସ୍ତରଗୁଡିକ କିମ୍ବା ଅସ୍ଥିର ଟୁକୁରାଗୁଡିକ ନିଷ୍ପତ୍ତି ନେବା ପାଇଁ ପଶାଖେଳରେ ବ୍ୟବହାର କଲେ।

**ମୃତ୍ୟୁର ସ୍ଥାନ** ଆକ୍ଷରୀକ ଭାବରେ "ପ୍ରାଣ ଗର୍ତ୍ତର" ଯେଉଁ ସ୍ଥାନକୁ ଲୋକମାନେ ଯାଆନ୍ତି, ଯେତେବେଳେ ସେମାନେ ମରନ୍ତି।

**ମାନ୍ନା** ଯେତେବେଳେ ଇସ୍ରାୟେଲର ଲୋକମାନେ ଚାଳିଶ ଦିନ ପର୍ଯ୍ୟନ୍ତ ମରୁଭୂମିରେ ଏଣେ ତେଣେ ବୁଲୁଥିଲେ, ସେତେବେଳେ ପରମେଶ୍ୱର ବିଶେଷ ଖାଦ୍ୟ ସେମାନଙ୍କ ନିମନ୍ତେ ପଠାଇଲେ।

**ମୋଶା** ଅର୍ଥାତ୍ ମନଃଶି।

**ମୋୟାବ** ଇସ୍ରାୟେଲର ପୂର୍ବ ପଟେ ଥିବା ଗୋଟିଏ ଦେଶ।

**ମୋଲକ** ଏକ ଭଣ୍ଡ ଦେବତା। ସମୟ ସମୟରେ ଲୋକମାନେ ଏହି ମୋଲକ ଦେବତା ଉଦ୍ଦେଶ୍ୟରେ ସେମାନଙ୍କର ସନ୍ତାନମାନଙ୍କୁ ବଳିଦାନ କରିଥାନ୍ତି।

## ଯ

**ଯାକୁବ** ଅର୍ଥ "ପଦାପହାରକ"

**ଯିହୁଦା:** ଏହାର ଅର୍ଥ ସେ ପ୍ରଶଂସା ହୋଇଛନ୍ତି।

**ଯୋଷେଫ** ଏହାର ଅର୍ଥ ହେଉଛି "ସେ ଯୋଗ କରେ।"

**ଯଜ୍ଞବେଦୀ** ବଳୀ ପାଇଁ ଉଦ୍ଦିଷ୍ଟ ସ୍ଥାନ।

**ଯଷ୍ଟି** ଏକ ଛୋଟ ଲାଠି।

**ଯିରୁଶାଲମର କୁମାରୀକନ୍ୟା** ଏହା ଯିରୁଶାଲମ ପାଇଁ ଅନ୍ୟ ଏକ ଆଦର୍ଶସ୍ୱରୁପ ନାମ ଅଟେ।

**ଯିଷ୍ରିୟେଲ** ଏହି ନାମ ହିବ୍ରୁ ଅର୍ଥରେ "ପରମେଶ୍ୱର ବିଜଗୁଡିକ ଲଗାଇଲେ।"

**ୟୂନସ** ସମ୍ଭବତଃ ପ୍ରାୟ ଏକ ଭବିଷ୍ୟଦ୍‌ବକ୍ତା ଦ୍ୱିତୀୟ ରାଜାବଳୀ 14:25 ପଦରେ ଉଲ୍ଲେଖ କରାଯାଇଛି।

**ଯାଫୋ** ଭୂମଧ୍ୟ ସାଗର ନିକଟରେ ଇସ୍ରାୟେଲର ସମୁଦ୍ର ଉପକୂଳ ଉପରେ ନଗର ଅବସ୍ଥିତ।

**ଯିଶୁରୁଣ** ଏହି ଇସ୍ରାୟେଲର ଅନ୍ୟ ଏକ ନାମ। ଏହି ନାମର ଅର୍ଥ "ଉତ୍ତମ" ବା "ସଚ୍ଚୋଟ"।

**ଯିରୁବାଲ୍** ଏବ୍ରୀୟ ଶବ୍ଦ ପରି ଯାହାର ଅର୍ଥ "ବାଲ୍‌କୁ ସଂଘର୍ଷ କରିବାକୁ ଦିଅ।" ପଦ-- ରେ ସମାନ କ୍ରିୟା "ଜଣକର ପକ୍ଷ ନେବା" ଏବଂ ପ୍ରତିରକ୍ଷା।

**ଯାଶେର ପୁସ୍ତକ** ଇସ୍ରାୟେଲର ଯୁଦ୍ଧ ବିଷୟରେ ପ୍ରାଚୀନ ପୁସ୍ତକ।

**ଯଜ୍ଞାବେଦୀର ଶିଙ୍ଗକୁ ଧରିବା** ଏହା ଦର୍ଶାଏ ଯେ ସେ କ୍ଷମାଭିକ୍ଷା କରେ। ବ୍ୟବସ୍ଥା କହେ ଯେ ଯଦି ଜଣେ ବ୍ୟକ୍ତି ପବିତ୍ରସ୍ଥାନକୁ ଦୌଡି ପଳାଏ ଏବଂ ଯଜ୍ଞବେଦୀର କୋଣରେ ଥିବା ଶିଙ୍ଗକୁ ଧରି ରହେ, ତେବେ ତାକୁ ଦଣ୍ଡିତ କରିବା ଉଚିତ୍ ନୁହେଁ।

**ଯିଦୀଦିୟ** ଏହି ନାମର ଅର୍ଥ "ସଦାପ୍ରଭୁ ଭଲ ପାଇଥିବା।"

**ଯାଖୀନ୍** ହିବ୍ରୁରେ ଯାଖୀନ୍‌ର ଅର୍ଥ "ସେ ସ୍ଥାପନ କଲେ।"

**ଯିହୁଦା** ଆକ୍ଷରୀକଭାବରେ "ଇସ୍ରାୟେଲ।"

**ଯିହୋୟାହସ** ଏହାକୁ ମଧ୍ୟ ଉଚ୍ଚାରଣ କରାଯାଏ ଆହଜିଆ।

**ଯାଃ** ଏହା ହିବ୍ରୁରେ ପରମେଶ୍ୱରଙ୍କ ନାମ। ଏହା ହିବ୍ରୁ ନାମ ପରି ସାଧାରଣତଃ ଅନୁବାଦ କରାଯାଇଛି "ପ୍ରଭୁ।"

**ଯାଶନୟ** ସେହି ସମୟରେ ସେ ରେଖବୀୟ ପରିବାରର ମୂଖ୍ୟ ଥିଲେ।

**ଯୋଷେଫ** ଏଠାରେ ଏହାର ଅର୍ଥ ଯୋଷେଫଙ୍କ ପରିବାର ଇସ୍ରାୟେଲର ଲୋକମାନେ।

**ଯୋଥମ୍** ଯିହୂଦାର ଜଣେ ରାଜା। ସେ 740-735 B.C ପର୍ଯ୍ୟନ୍ତ ଶାସନ କଲେ।

**ଯୋବେଲ** ଏବ୍ରୀୟ ଶବ୍ଦ ଶିଙ୍ଗାରୁ ଆସିଛି, ଯାହାକି ଏ ସମୟରେ ଫୁଙ୍କାଯାଏ।

**ଯୋୟାବ ଓ ଅବୀଶୟ** ଅସାହେଲେ ଭ୍ରାତୃଗଣ, ଯାହାକୁ ଅବନିର ହତ୍ୟା କରିଥିଲେ। ଦେଖନ୍ତୁ ପଦ 18।

## ର

**ରିହୋବୋତ୍** ଏହାର ଅର୍ଥ ହେଉଛି "ପ୍ରଶସ୍ତ ସ୍ଥାନ।"

**ରୁବେନ୍** ଏହାର ଅର୍ଥ ହେଉଛି "ଏକ ପୁତ୍ରକୁ ଦେଖ।"

**ରୁୟେଲ** ତାଙ୍କୁ ଯିଥ୍ରୋ ବୋଲି ମଧ୍ୟ ଡକାଯାଏ।

**ରୁହାମା** ଏହି ନାମ ହିବ୍ରୁ ଅର୍ଥରେ "ଦୟା ପାତ୍ର।"

**ରାହେଲ** ଯାକୁବଙ୍କ ଦ୍ୱିତୀୟ ସ୍ତ୍ରୀ। ଏଠାରେ ଏହାର ଅର୍ଥ ସମସ୍ତ ସ୍ତ୍ରୀ ଲୋକମାନେ ବାବିଲ ସହ ଯୁଦ୍ଧରେ ମରିଥିବା ସେମାନଙ୍କର ସ୍ୱାମୀ ଓ ସନ୍ତାନମାନଙ୍କ ପାଇଁ କ୍ରନ୍ଦନ କରୁଅଛନ୍ତି।

**ରାଜା ଅଭିଷିକ୍ତ** ପରମେଶ୍ୱରଙ୍କ ଦ୍ୱାରା ରାଜା, ଯାଜକ ବି ଭବିଷ୍ୟତ୍‌ବକ୍ତା ହେବା ପାଇଁ ମନୋନୀତ ବୋଲି ଦର୍ଶାଇବାକୁ ଜଣେ ବ୍ୟକ୍ତି ମସ୍ତକରେ ଢଳା ଯାଇଥିବା ଜୀତ ତୈଳର ବିଧି।

**ରଥ ନଗରମାନ** ବିଶେଷ ଜାଗାରେ ଅଶ୍ୱ ଓ ରଥଗୁଡିକୁ ରଖୁଥିବା ସ୍ଥାନଗୁଡିକ ନଗରମାନ।

**ରାଜଦଣ୍ଡ** ଏକ ବିଶେଷ ଯଷ୍ଟି ଯାହା ରାଜା ନିଜ ହସ୍ତରେ ଧରିଥାନ୍ତି।

## ଲ

**ଲେୟା ... କୋମଳ ଥିଲା** ଲେୟା ସୁନ୍ଦରୀ ନଥିଲା ବୋଲି ବିବସ୍ତ ଭାବରେ କହିବାର ଏହା ଅର୍ଥ ହୋଇପାରେ।

**ଲେବୀ** ଏହାର ଅର୍ଥ "ଯୋଡି ହୋଇଥିବା କିମ୍ବା ସହଯୋଗ କରିବା।"

**ଲବଣର ନିୟମ** ଯେତେବେଳେ ଲୋକମାନେ ଏକତ୍ର ଲବଣ ଖାଆନ୍ତି, ଏହାର ଅର୍ଥ ଯେ ସେମାନଙ୍କର ବନ୍ଧୁତ୍ୱର ନିୟମ କେବେହେଲେ ଭାଙ୍ଗିବ ନାହିଁ। ଅବୟ ଏଠାରେ କହୁଥିଲେ ଯେ ପରମେଶ୍ୱର ଦାଉଦଙ୍କ ସହିତ ଯେଉଁ ନିୟମ କଲେ ତାହା କେବେହେଲେ ଭାଙ୍ଗିବ ନାହିଁ।

**ଲୋ-ରୁହାମା** ଏହି ନାମ ହିବ୍ରୁ ଅର୍ଥରେ "ଅଦୟା ପାତ୍ରୀ।"

**ଲୋ-ଆମୀ** ଏହି ନାମ ହିବ୍ରୁ ଅଥରେ "ଆମ୍ଭର ଲୋକ ନୁହେଁ।"

**ରେଖବୀୟ ବଂଶ** ଯିହୋନାଦବଙ୍କ ବଂଶଧର ଏକ ଦଳ ଲୋକ ରେଖବର ପୁତ୍ର। ଏହି ପରିବାର ବହୁତ ସଦାପ୍ରଭୁଙ୍କ ବିଶ୍ୱସ୍ତତା ଥିଲେ। ଦେଖନ୍ତୁ ଦ୍ୱିତୀୟ ରାଜାବଳୀ 10:15-28 ରେଖବର ପାଇଁ କାହାଣୀ।

**ଲିବିୟାଥନ** ଏହା ଯେଉଁ ପଶୁ ବୋଲି ଆମ୍ଭେମାନେ ନିଶ୍ଚିତ ହୋଇ ନାହୁଁ। ଏହା ହୋଇପାରେ ଗୋଟିଏ କୁମ୍ଭୀର କିମ୍ବା ସମୁଦ୍ରର ଗୋଟିଏ ଅସ୍ୱାଭାବିକ ଜୀବ।

**ଲେବୀୟ** ଲେବୀ ଗୋଷ୍ଠୀର ଲୋକମାନେ। ସେମାନେ ମନ୍ଦିରରେ ଯାଜକମାନଙ୍କୁ ସାହାଯ୍ୟ କରୁଥିଲେ ଏବଂ ସରକାରୀ କାର୍ଯ୍ୟରେ ସାହାଯ୍ୟ କରୁଥିଲେ।

**ଲୌହଶିଙ୍ଗ** ଏଗୁଡିକ ମହାନ ଶିକ୍ତିର ପ୍ରତିକ।

## ଶ

**ଶିମିୟୋନ** ଶିମିୟୋନ ଗୋଟିଏ ହିବ୍ରୁ କ୍ରିୟାରୁ ଅଣାଯାଇଛି, ଏହାର ଅର୍ଥ "ଶୁଣିବାକୁ।"

**ଶାପଗ୍ରସ୍ତ ହେଲା** କୌଣସି ବସ୍ତୁ ବା ବ୍ୟକ୍ତି ପାଇଁ ଖରାପ ଆତ୍ମା କିନ୍ତୁ ସେ ତୁମ୍ଭ ଉପରେ କର୍ତ୍ତୃତ୍ୱ କରିବ।

**ଶେଥ** ହିବ୍ରୁ ଶବ୍ଦ ଏହାର ଅର୍ଥ ଦେବା।

**ଶୁଚିପଶୁ** ଯେଉଁ ପଶୁପକ୍ଷୀ ବଳି ବା ଭୋଜନ ପାଇଁ ପରମେଶ୍ୱରଙ୍କ ଦ୍ୱାରା ଅନୁମୋଦିତ ପଶୁପକ୍ଷୀ।

**ଶାଁଷା** ଅନ୍ନର ଅଗ୍ରଭାଗ।

**ଶିବା** ଇଶ୍ରାୟେଲର ଦକ୍ଷିଣରେ ଯେଉଁଠାରେ ସାଉଦି ଆରବିଆ ଅଞ୍ଚଳରେ ଅବସ୍ଥିତ।

**ଶୃଗାଳଗଣ** ହିଂସ୍ର ଜନ୍ତୁ, କୁକୁର ପରି। ସେହି ଜନ୍ତୁଗୁଡିକ ଯେଉଁଠାରେ ଲୋକ ଶୂନ୍ୟ, ସେଠାରେ କେବଳ ବାସ କରନ୍ତି।

**ଶମରିଆର ପାପ** ଶମରିଆର ବାଛୁରୀ ଦେବତା।

**ଶିଖିମଗଡ** ସମ୍ଭବତଃ ଏହା ଶିଖିମ ନିକଟସ୍ଥ ଏକ ସ୍ଥାନ। କିନ୍ତୁ ପ୍ରକୃତରେ ଏହା ନଗରର ଏକ ଅଂଶ ନୁହେଁ।

**ଶମରିୟା** ଏହା ଇଶ୍ରାୟେଲର ପ୍ରଧାନ ନଗରୀ, ଅରାମର ଶତ୍ରୁ ଥିଲା।

**ଶିବାୟୀୟ ଲୋକ** ମରୁଭୂମି ଅଞ୍ଚଳଠାରୁ ଗୋଟିଏ ଦଳ ଲୋକ। ସେମାନେ ଲୋକମାନଙ୍କୁ ଆଘାତ କଲେ ଓ ସେମାନଙ୍କର ଜୀନିଷ ପତ୍ର ନେଇଗଲେ।

**ଶାଲେମ** ଏହା ଯିରୁଶାଲମର ଅନ୍ୟ ଏକ ନାମ। ଏହି ନାମର ଅର୍ଥ ହେଉଛି "ଶାନ୍ତି।"

**ଶେଶବସର** ଏହା ସମ୍ଭବତଃ ଜଣେ ମନୁଷ୍ୟର ନାମ ଯିରୁବାବିଲ୍, ଏହି ନାମର ଅର୍ଥ ହେଉଛି "ବାବିଲର ଶକ୍ତିଶାଳୀ" କିମ୍ବା "ସେ ବାବିଲ ଛାଡିଲେ" ଅରାମୀୟ ଭାଷାରେ ତାଙ୍କର ନାମ ଶେଶବସର।

## ସ

**ସାରୀ:** ଅର୍ଥ "କୁଳୀନା"

**ସାରା** ଅର୍ଥ "ରାଣୀ"

**ସିଟ୍ନା** ଏହାର ଅର୍ଥ ହେଉଛି "ଶତ୍ରୁତା।"

**ସବୂଲୂନ୍** ଏହାର ଅର୍ଥ ହେଉଛି "ସମ୍ମାନ।"

**ସିକ୍କୋତ** ଅର୍ଥ "କୁଡିଆ"।

**ସର୍ପ** ଶୟତାନ, ବହୁରୂପି ସାପ, ଯାହାକୁ ସାଗରର ଦେଈ ଦିଆଯାଇଛି।

**ସୁନ୍ନତ** ପୁରୁଷମାନଙ୍କର ଲିଙ୍ଗାଗ୍ର ଛେଦନ।

**ସାତଟା** ହିବ୍ରୁ ଅର୍ଥ ଶପଥ ବା କଥାହେବା।

**ସଜାତୋ** ଅନୁମାନ କରିବା, ଦିବ୍ୟଜ୍ଞାନ ହେବା।

**ସୁକ୍କୋତ** ଯର୍ଦ୍ଦନ ନଦୀ ପାଖରେ ଏକ ସ୍ଥଳ, ଏହାର ଅର୍ଥ ତମ୍ବୁ ବା ଅସ୍ଥାୟୀ ଶିବିର।

**ସାପନତ** ପାନେହ, ଜୀବନ ରକ୍ଷାକାରୀ କିନ୍ତୁ ହିବ୍ରୁମାନଙ୍କ ମତରେ ଯିଏ ଗୁପ୍ତ ଶବ୍ଦର ବ୍ୟାଖ୍ୟା କରେ।

**ସୈନ୍ୟଶ୍ରେଣୀଗଣ** ଅର୍ଥାତ୍ "ବିଭାଗସବୁ।" ଏହା ଏକ ସାମରିକ ପରିଭାଷା ଯାହା ଦର୍ଶାଏ ଇଶ୍ରାୟେଲ ଏକ ସୈନ୍ୟଦଳ ପରି ସଂଗଠିତ ହୋଇଥିଲା।

**ସଦାପ୍ରଭୁଙ୍କର ସୈନ୍ୟସମୂହ** ଇଶ୍ରାୟେଲର ଲୋକମାନେ।

**ସଦାପ୍ରଭୁଙ୍କର ମହିମା** ଏକ ଅବତାର ପରମେଶ୍ୱର ଲୋକମାନଙ୍କ ଆବିର୍ଭାବ ହେବା ସମୟରେ ବ୍ୟବହାର କରନ୍ତି। ଏହା ଏକ ଝଟକୁଥିବା ଉଜ୍ଜ୍ୱଳ ଆଲୋକ ସଦୃଶ।

**ସମାଗମ ତମ୍ବୁ** ପବିତ୍ର ତମ୍ବୁ ଯେଉଁଠାରେ ଇଶ୍ରାୟେଲର ଲୋକମାନେ ପରମେଶ୍ୱରଙ୍କୁ ଦର୍ଶନ କରିବାକୁ ଗଲେ।

**ସୁନ୍ନତ** ଅଗ୍ରଚର୍ମ କାଟିବା ବିଧିକୁ ବୁଝାଏ। ପ୍ରତ୍ୟେକ ଯିହୂଦୀ ବାଳକକୁ ଏହା କରାଯାଉ ଥିଲା। ଏହା ଏକ ଚିହ୍ନ ସ୍ୱରୂପ ଯାହା ଈଶ୍ୱର ଅବ୍ରାହାମଙ୍କ ସହିତ କରିଥିଲେ। ଆଦିପୁସ୍ତକ 17:9-14.

**ସିପ୍ପୋରର ପୁତ୍ର ବାଲାକ୍** ତାଙ୍କ କଥା ପାଇଁ ଦେଖନ୍ତୁ ଗଣନା 22:24.

**ସିମ୍ରୀ** ସିମ୍ରୀ ଜଣେ ବ୍ୟକ୍ତି ଯିଏକି ଏଲାହ ଓ ବାଶାର ପରିବାରକୁ ବହୁତ ବର୍ଷ ପୂର୍ବରୁ ହତ୍ୟା କରିଥିଲା।

**ସ୍ମରଣାର୍ଥକ ପ୍ରସ୍ତର** ଯେଉଁ ପ୍ରସ୍ତର ସ୍ଥାପନ କରୁଥିଲେ, ତାହା ଲୋକମାନଙ୍କୁ ବିଶେଷ ସ୍ମରଣ କରିବା ପାଇଁ ସାହାଯ୍ୟ କରୁଥିଲା। ପ୍ରାଚୀନ କାଳରେ ଇଶ୍ରାୟେଲର ଲୋକମାନେ ବାରମ୍ବାର ଭଣ୍ଡ ଦେବତାମାନଙ୍କ ପୂଜା ସ୍ଥାନକୁ ସମ୍ଭବତଃ ବିଶେଷ ଦୃଷ୍ଟିରେ ପ୍ରସ୍ତର ସ୍ଥାପନ କରୁଥିଲେ।

**ସିୟୋନ** ଯିରୁଶାଲମର ଦକ୍ଷିଣ ପାର୍ଶ୍ୱର ପର୍ବତ ଉପରେ ଅବସ୍ଥିତ ବେଳେ ବେଳେ ଏହାର ଅର୍ଥ ପରମେଶ୍ୱରଙ୍କର ଲୋକମାନେ ଯିରୁଶାଲମରେ ବାସ କରୁଅଛନ୍ତି।

**ସଦାପ୍ରଭୁଙ୍କ ଗୃହ** ଯିରୁଶାଲମର ଅନ୍ୟ ଏକ ମନ୍ଦିରର ନାମ।

**ସରୁବାବିଲ** ସେ ମଧ୍ୟ ଶେଶବସର ନାମରେ କୁହାଗଲେ।

**ସଦୋମ, ହମୋରା** ସେହି ଦୁଇଟି ନଗର ପରମେଶ୍ୱର ଧ୍ୱଂଶ କଲେ। କାରଣ ସେହି ଲୋକମାନେ ବହୁତ କୁକର୍ମୀ ଥିଲେ।

**ସରାଫଗଣ** ପରମେଶ୍ୱର ବାର୍ତ୍ତାବହ ଭାବରେ ବିଶେଷ ଦୂତଗଣ ବ୍ୟବହାର କରିଥାନ୍ତି। ଏହି ନାମର ଅର୍ଥ ହୋଇପାରେ ସେମାନେ ଅଗ୍ନିପରି ଉଜ୍ଜ୍ୱଳ ଥିଲେ।

**ସିୟୋନର କନ୍ୟା** ଯିରୁଶାଲମ ନଗର ପାଇଁ ନାମ।

**ସଦାପ୍ରଭୁଙ୍କର ପଲ** ଯିହୁଦାର ଲୋକମାନଙ୍କ ପାଇଁ ଏହା ହେଉଛି ଏକ ଆଦର୍ଶ ସ୍ୱରୂପ ନାମ।

**ସେ ଆମ୍ଭେ** ପରମେଶ୍ୱରଙ୍କ ପାଇଁ ଏହା ହିବ୍ରୁ ନାମ ପରି ଅଟେ। ଏହା ଦେଖାଯାଏ ପରମେଶ୍ୱର ଅନନ୍ତକାଳ ପାଇଁ ରହନ୍ତି। ଆଉ ସେ ତାଙ୍କର ଲୋକମାନଙ୍କ ସହ ସର୍ବଦା ବାସ କରନ୍ତି। ଦେଖନ୍ତୁ ଯାତ୍ରା 3:13-17.

## ହ

**ହନୋକ** ଯିହୋବାଙ୍କ ସହିତ ଗଲା।

**ହୋମବଳି** ପରମେଶ୍ୱରଙ୍କ ପାଇଁ ଉଦ୍ଦିଷ୍ଟ ବଳି।

**ହର୍ମା** ଏହି ନାମର ଅର୍ଥ "ସମ୍ପୂର୍ଣ୍ଣଭାବରେ ଧ୍ୱଂସ ହୋଇଗଲା" ଅର୍ଥାତ୍ ପରମେଶ୍ୱରଙ୍କୁ ଦିଆଯାଇଥିବା ଦାନ। ଦେଖନ୍ତୁ ଲେବୀ 27:28-19.

**ହାମ୍** ମିଶରୀୟମାନେ ହାମ୍ଙ୍କର ବଂଶଧରଗଣ ଥିଲେ। ଦେଖନ୍ତୁ ଆଦି 10:6-10.

**ହାର୍ଶିତ ଦ୍ୱାର** ପ୍ରକୃତରେ ଏହି ଦ୍ୱାରର ଅବସ୍ଥାପନ ଜଣାଯାଏ, ଏହା ସମ୍ଭବତଃ ନଗରର ଦକ୍ଷିଣ ପାର୍ଶ୍ୱରେ ଅବସ୍ଥିତ ଥିଲା।

**ହିନ୍ନୋମ ପୁତ୍ରର ଉପତ୍ୟକା** ଏହି ହିନ୍ନୋମ ପୁତ୍ରର ଉପତ୍ୟକା ଯିରୁଶାଲମର ଦକ୍ଷିଣ ଓ ପଶ୍ଚିମରେ ଅବସ୍ଥିତ ଥିଲା। ଏହି ଉପତ୍ୟକାରେ ବହୁତ ଶିଶୁ ଓ ଯୁବକ ସନ୍ତାନମାନଙ୍କୁ ଭଣ୍ଡ ଦେବତାମାନଙ୍କ ନିମନ୍ତେ ବଳି ଦିଆହୋଇଥିଲା।

**ହୋଶେୟ** ଅର୍ଥାତ୍ ଯିହୋଶୂୟ।

**ହିଜିକୟ** ଯିହୂଦାର ଜଣେ ରାଜା। ସେ 727-687 B.C ପର୍ଯ୍ୟନ୍ତ ଶାସନ କଲେ।

**ହୋମର** ଆକ୍ଷରୀକଭାବରେ "ଏକ ସ୍ତ୍ରୀ।"

Copyright © 2005 by World Bible Translation Center






Copyright © 2005 by World Bible Translation Center




Copyright © 2005 by World Bible Translation Center




# ନୂତନ ନିୟମ ସମୟରେ ପାଲେଷ୍ଟାଇନ ଦେଶ

Copyright ©2005 by World Bible Translation Center




Copyright © 2005 by World Bible Translation Center




Copyright © 2005 by World Bible Translation Center